# କଟକ ସିଟି



## ମାର୍ଚ୍ଚ ୩୦ରେ ବାର୍ ନିର୍ବାଚନ

**କଟକ,୫।୩(ସମିସ):** ରାଜ୍ୟ ବାର କାଉନସିଲ ଅନୁବନ୍ଧିତ ସମସ୍ତ ବାର ଗୁଡିକ ପାଇଁ ୨୦୨୪-୨୫ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ମାର୍ଚ୍ଚ ୩୦ରେ ଅନୁଷ୍ଠିତ ହେବ। ଓଡିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପ୍ରଶାନ୍ତ ଜେନାଙ୍କୁ ମନୋନୀତ କରାଯାଇଛି। ଆସନ୍ତା ମାର୍ଚ୍ଚ ୧୧ରୁ ୧୨ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ହେବ। ୧୪ତାରିଖରେ ପ୍ରାର୍ଥୀ ତାଲିକା ଯାଞ୍ଚ ପରେ ୧୫ ତାରିଖରେ ପ୍ରକାଶ ପାଇବ। ୧୬ତାରିଖ ଦିନ ନାମାଙ୍କନ ପ୍ରତ୍ୟାହାର ହୋଇପାରିବ। ୧୮ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିପରି ମାର୍ଚ୍ଚ ୩୦ ସକାଳ ୮ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଅନୁଷ୍ଠିତ ହେବ। ସେହିଦିନ ଅପରାହ୍ନ ୪ଟା ପରେ ଗଣତି କରାଯାଇ ଫଳ ଘୋଷଣା ହେବ ବୋଲି ବାର ଆସୋସିଏସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟ ବାର୍ ସଭାପତି ପଦ ପାଇଁ ନାମାଙ୍କନ ଫି ୩୦ହଜାର, ଉପସଭାପତି ପାଇଁ ୧୮ ହଜାର, ସମ୍ପାଦକ ପାଇଁ ୧୬ହଜାର, ଯୁଗ୍ମ ସମ୍ପାଦକ ପାଇଁ ୧୦ ହଜାର, ସହସମ୍ପାଦକ ପାଇଁ ୮ ହଜାର, ସହସମ୍ପାଦକ(ପାଠାଗାର) ପାଇଁ ୭ ହଜାର ଓ କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ୫ହଜାର ଟଙ୍କା ରଖାଯାଇଛି ।

## ନାବାଳିକା ଉଦ୍ଧାର: ଅପହରଣକାରୀ ଗିରଫ

**କଟକ,୫।୩(ସମିସ):** ଜଣେ ନାବାଳିକାକୁ ଅପହରଣ କରିନେବା ଅଭିଯୋଗରେ ଅପହର୍ତା ଯୁବକକୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଢେଙ୍କାନାଳ କାମାକ୍ଷାନଗର ଅନନ୍ତପୁର ଅଞ୍ଚଳର ସନିଆ ନାୟକ(୨୮)। ଏହାସହ ଅପହୃର୍ତ୍ତା ନାବାଳିକାକୁ ଆଜି ଉଦ୍ଧାର କରାଯାଇଛି। ପୁଲସ ସୂଚନା ଅନୁସାରେ, ଗତ କିଛି ବର୍ଷ ହେବ ଅଭିଯୁକ୍ତ ସନିଆ ରାଣୀହାଟ ତେଲିସାହି ଅଞ୍ଚଳର ରହି କାମ କରୁଥିଲା। ଏହା ଭିତରେ ସେ ସେହି ଅଞ୍ଚଳର ଜଣେ ନାବାଳିକାକୁ ଏକତରଫା ପ୍ରେମ କରୁଥିଲା। ପରବର୍ତ୍ତୀ ସମୟରେ ନାବାଳିକାକୁ ପ୍ରଲୋଭିତ କରି ଅପହରଣ କରିନେଇଥିଲା। ଘଟଣା ନେଇ ପରିବାର ଲୋକେ ଗତ ଜାନୁଆରୀ ୨୨ରେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଯଦିଓ ପୁଲିସ ତଦନ୍ତ କରି ଅଭିଯୁକ୍ତ ଯୁବକକୁ ଚିହ୍ନଟ କରିଥିଲା, ସେ ଘରେ ନଥିବାରୁ ଉଭୟଙ୍କୁ ଠାବ କରା ଯାଇପାରିନଥିଲା। ତେବେ ଆଜି ଅଭିଯୁକ୍ତ ଯୁବକ କାମାକ୍ଷାନଗର ସ୍ଥିତ ଘରେ ଥିବା ସୂଚନା ପାଇ ପୁଲିସ ଚଢଉ କରିସେଠାରୁ ଅଭିଯୁକ୍ତକୁ ଗିରଫ କରିବା ସହ ଅପହୃତା ନାବାଳିକାକୁ ଉଦ୍ଧାର କରିଛି। ନାବାଳିକାର ଡାକ୍ତରୀ ମାଇନା ସହ କୋର୍ଟରେ ବୟାନ ରେକର୍ଡ ହୋଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ରେଳ ଷ୍ଟେସନ୍‌ରୁ ମୃତଦେହ ଉଦ୍ଧାର

**କଟକ,୫।୩(ସମିସ):** ନରାଜ-ମାର୍ଥାପୁର ରେଳଷ୍ଟେସନ ନିକଟରୁ ଆଜି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ନାମ ଦୀପ୍ତିମାନ ମହାପାତ୍ର (୨୫)। ସେ ବ୍ରହ୍ମପୁର ଅଞ୍ଚଳର ବୋଲି ଜଣାପଡିଛି। ରେଳଧାରଣା କଡରେ ତାଙ୍କ ହେଲମେଟ, ଚପଲ ପଡ଼ିଥିବା ବେଳେ ନିକଟରେ ତାଙ୍କର ବାଇକ ରଖାଯାଇଥିଲା। ଯୁବକ ଜଣକ ହେଉଛନ୍ତି, ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ବୋଲି ଜଣା ପଡିଛି। ତେବେ ସେ ଆତ୍ମହତ୍ୟା କରିଛନ୍ତି କି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଛାନଭିନ୍ କରୁଛି।

ଗାନ୍ଧୀପଲ୍ଲୀରେ ଜଘନ୍ୟ ହତ୍ୟାକାଣ୍ଡ

# ଅଭିଯୁକ୍ତ କୁନା ଗିରଫ

**କଟକ,୫।୩(ସମିସ)**

ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗାନ୍ଧୀପଲ୍ଲୀରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୁଲିସ। ମୁଖ୍ୟ ଅଭିଯୁକ୍ତ ନେହେରୁପଲ୍ଲୀ ଅଞ୍ଚଳର କୁନା ଭୂୟାଁ(୨୧)କୁ ଗିରଫ କରାଯାଇଛି। ଗତକାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀ ଓ ପରିବାର ଲୋକଙ୍କ ବୟାନ୍ ରେକର୍ଡ କରିଛି। ୧ମାସ ମଧ୍ୟରେ ସିଆରଆର୍‌ଆଇ ଥାନା ପୁଲିସ ଚାର୍ଜସିଟ୍ ଦାଖଲ କରିବାକୁ ଏଡିସିପି ଅନିଲ୍ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

**ମାସେ ଭିତରେ ଚାର୍ଜସିଟ୍ ଦାଖଲ ନିର୍ଦ୍ଦେଶ**

ପ୍ରକାଶ ଥାଉ କି, ଗାନ୍ଧୀପଲ୍ଲୀ ଅଞ୍ଚଳର ଭାରତୀଙ୍କ ବଡ଼ଝିଅକୁ ଅଭିଯୁକ୍ତ କୁନା ଏକତରଫା ପ୍ରେମ କରୁଥିଲା। କୁନା ତାଙ୍କୁ ପ୍ରେମ ନିବେଦନ କରିଥିବା ବେଳେ ଭାରତୀଙ୍କ ଝିଅ ଏଥିରେ ରାଜି ହୋଇ ନଥିଲେ। ଗତକାଲି ସନ୍ଧ୍ୟାରେ ହଠାତ୍ ଅଭିଯୁକ୍ତ ଏକ ଛୁରୀ ନେଇ ଭାରତୀଙ୍କ କବାଟ ବାଡେଇଥିଲା। ସେ କବାଟ ଖୋଲିବା ପରେ ଝିଅକୁ ଘରେ ନପାଇ କୁନା ପୁଣି ଥରେ ଭାରତୀଙ୍କ ସହିତ ଝଗଡ଼ା କରିଥିଲା। ଗାଳି ଗୁଲଜ କରିବା ସହିତ ପ୍ରଥମେ ଠେଲାପେଲା କରିଥିଲା। ଏହା ପରେ ସେ ଉତକ୍ଷିପ୍ତ ହୋଇ ଛୁରୀ ଦ୍ୱାରା ଭାରତୀଙ୍କ ପେଟ ଓ ଛାତିକୁ ଏକାଧିକ ଥର ଭୁସିଥିଲା। ଘଟଣାସ୍ଥଳରେ ଭାରତୀ ବେହୋସ ହୋଇଯିବାରୁ କୁନା ସେଠାରୁ ଫେରାର୍ ହୋଇ ଯାଇଥିଲା। ସ୍ଥାନୀୟ ଲୋକ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ସେଠାରେ ଭାରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ନିଯୁକ୍ତ ହେଲେ ଅକ୍ଷୟ ପତି

**କଟକ,୫।୩(ସମିସ)**



ଆଇନଜୀବୀ ଅକ୍ଷୟ କୁମାର ପତିଙ୍କୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଭିନ୍ନ ମୋକଦ୍ଦମାର ପରିଚାଳନା ନିମନ୍ତେ ଆଡଭୋକେଟ ଜେନେରାଲ ଅଶୋକ ପରିଜାଙ୍କ ଅନୁମୋଦନ କ୍ରମେ ଶ୍ରୀ ପତିଙ୍କୁ ଏହି ନିଯୁକ୍ତି ମିଳିଛି। ଶ୍ରୀ ପତି ବର୍ତ୍ତମାନ ରାଜ୍ୟ ଅଇନଜୀବୀ ପରିଷଦର ସଭ୍ୟ ଅଛନ୍ତି। ସେ ୧୯୯୭ମସିହାରୁ କଟକର ବିଭିନ୍ନ ନ୍ୟାୟାଳୟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଛନ୍ତି। ଉତ୍ତର-ଭୁବନେଶ୍ୱର ବରିମୁଣ୍ଡ ଗ୍ରାମର ସୁରେନ୍ଦ୍ର ନାଥ ପତି ଓ ଲକ୍ଷ୍ମୀପ୍ରିୟା ପତିଙ୍କ ମଧ୍ୟମ ସନ୍ତାନ ଅଟନ୍ତି। ଶ୍ରୀ ପତିଙ୍କୁ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ ମହାନ୍ତି ଓ ସଦସ୍ୟ ଦୀନେଶ ଚନ୍ଦ୍ର ରାୟ, ଲକ୍ଷ୍ମୀ ନାରାୟଣ ପଟେଲ, ଧନଞ୍ଜୟ ମୁଣ୍ଡ, ବିଭୁ ପ୍ରସାଦ ଦାସ, ଦେବୀ ପ୍ରସାଦ ଧଳ, ବିଭୁ ପ୍ରସାଦ ଦାସ, ଅରୂପା ନନ୍ଦ ଦାସ, ମାନସ ଚାନ୍ଦ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅଳଙ୍କାର ଫେରି ପାଇଲେ ଯାତ୍ରୀ

**କଟକ,୫।୩(ସମିସ):** ଟ୍ରେନରେ ବ୍ୟାଗ୍ ସହ ଛାଡିଆସିଥିବା ଅଳଙ୍କାର ଓ ମୋବାଇଲ ଫେରି ପାଇଛନ୍ତି ଜଣେ ଯାତ୍ରୀ। ଟ୍ରେନରୁ ଉଦ୍ଧାର କରି ଏହାକୁ ଫେରସ୍ତ କରିଛି କଟକ ଆରପିଏଫ୍ ପୁଲିସ। ଗତକାଲି ବିଳମ୍ବିତ ରାତିରେ ଆରପିଏଫ ପକ୍ଷରୁ ଷ୍ଟେସନରେ ଯାଞ୍ଚପ୍ରକ୍ରିୟା ଚାଲିଥିଲା। ଏସଆଇ ରୋଜି ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ପ୍ଲାଟଫର୍ମ ଓ ବିଭିନ୍ନ ଟ୍ରେନରେ ଚଢି ଟିକିନିଖି ଯାଞ୍ଚ କରୁଥିଲେ। ରାତି ପ୍ରାୟ ୪ଟା ସମୟରେ ମୁମ୍ବାଇ-ପୁରୀ ଏକ୍ସପ୍ରେସର କୋଚ ନଂ ଏସ-୬ରୁ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏକ ବ୍ୟାଗ ମିଳିଥିଲା। ଏହାକୁ ଖୋଲିବାରୁ ସେଥିରେ କିଛି ଚାନ୍ଦି ଅଳଙ୍କାର, ଜରୁରୀ କାଗଜପତ୍ର ଓ ଗୋଟିଏ ଦାମୀ ମୋବାଇଲ ରହିଥିଲା। ସୁରକ୍ଷା ଦୃଷ୍ଟିରୁ ଆରପିଏଫ୍ ଟିମ ବ୍ୟାଗକୁ ଆଣି ପୋଷ୍ଟ ଜିମା ଦେଇଥିଲେ। ଏହାସହ ସୁଇଚ ଅଫ୍ ଥିବା ମୋବାଇଲକୁ ଚାର୍ଜିଂରେ ରଖିଥିଲେ। ମୋବାଇଲ ଅନ ହେବାମାତ୍ରେ ଏକ କଲ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ନିଜକୁ ଅନୁଗୁଳ କୁସୁମପାଲର ସ୍ମୃତିସୁଧା ସାହୁ ବୋଲି ପରିଚୟ ଦେଇଥିଲେ। ଗତକାଲି ସେ ମୁମ୍ବାଇରୁ ଘରକୁ ଫେରୁଥବା ବେଳେ ମଧ୍ୟରାତ୍ରିରେ ଅନୁଗୁଳ ଷ୍ଟେସନରେ ଟ୍ରେନରେ ପହଞ୍ଚିବା ପରେ ସେ ତରବରିଆ ଭାବେ ଅନ୍ୟାନ୍ୟ ଜିନିଷପତ୍ର ଧରି ଓହ୍ଲାଇ ପଡିଥିଲେ। କିନ୍ତୁ ଘରେ ପହଞ୍ଚି ବ୍ୟାଗ ଛାଡି ଆସିଥିବା ଜାଣି ଚିନ୍ତିତ ଥିଲେ। ପରେ ମଙ୍ଗଳବାର ଯାତ୍ରୀ ଜଣକ କଟକ ଆସି ଆବଶ୍ୟକ ପ୍ରମାଣପତ୍ର ଦେଖାଇବା ପରେ ତାଙ୍କୁ ଅଳଙ୍କାର, ମୋବାଇଲ ସହ ଉକ୍ତ ବ୍ୟାଗ ହସ୍ତାନ୍ତର କରାଯାଇଛି।

## କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ମାତୃ ବିୟୋଗ

**କଟକ,୫।୩(ସମିସ)**



ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ମାତୃ ତଥା ବିଶିଷ୍ଟ ଚିକିତ୍ସାବିତ ସ୍ୱର୍ଗତଃ ଡ ମହମ୍ମଦ ନଇଁମଙ୍କ ଧର୍ମପତ୍ନୀ ହାଜିବା ଖାତୁନଙ୍କର ଆଜି ଅପରାହ୍ନରେ କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ଅନ୍ତିମ ଶଯ୍ୟା ନିକଟରେ ସମସ୍ତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ସେଲଟରଛକସ୍ଥିତ ବାସଭବନରେ ମେୟର ସୁବାସ ଚନ୍ଦ୍ର ସିଂ, ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଓ ସଂପାଦକ ଭିକାରୀ ଦାସ, ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ନବଜ୍ୟୋତି ପଟ୍ଟନାୟକ, ଦେବେନ୍ଦ୍ର ସାହୁ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ, ଯାଦବ ମହାସଂଘ ସଭାପତି ପ୍ରଦୀପ ବେହେରା, ପୁଷ୍ପା ସାମଲ, ଗିରିବାଳା ବେହେରା, ଶୈଳବାଳା ଜେନା, ସାବିତ୍ରୀ ଚୌଧୁରୀ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା, ଜି କାମେଶ ରାଓ, ଭାନୁ ସେନାପତି, ସୁବାଶିଷ ପଟ୍ଟନାୟକ ଓ ବଟକୃଷ୍ଣ ସାହୁ, ଧର୍ମାନନ୍ଦ ପାତ୍ର, ଜିନେସ ଦାସ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସେଲଟର ଛକ ସ୍ଥିତ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଦମରସୁଲ ଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।




www.sakalaepaper.com
ସକାଳ THE SAKALA



# କଟକ ସିଟି

# ଗୁଞ୍ଜରିତ ହେଲା ବିଜୟାନନ୍ଦଙ୍କ ବିଜୟ ଗାଥା



ଅଗଣିତ ଓଡ଼ିଆଙ୍କ ହୃଦସ୍ପନ୍ଦନ ଥିଲେ ବିଜୁ ବାବୁ । ଅଦମ୍ୟ ସାହାସୀ, ଲୋକପ୍ରିୟ ରାଜନେତା । ନୂଆ ଓଡ଼ିଶା ନିର୍ମାଣର ମୁଖ୍ୟ ପୁରୋଧା । ପ୍ରବାଦ ପୁରୁଷ ବିଜୟାନନ୍ଦ ପଟ୍ଟନାୟକ ତଥା ବିଜୁ ପଟ୍ଟନାୟକଙ୍କର ଆଜି ଥିଲା ୧୦୮ ତମ ଜୟନ୍ତୀ । ଏହି ଅବସରରେ ତାଙ୍କ ଜନ୍ମ ମାଟି କଟକରେ ବିଜୁ ବାବୁଙ୍କ ବିଜୟ ଗାଥା ଗୁଞ୍ଜରିତ ହୋଇଥିଲା । ରାଜନୈତିକ ସଙ୍ଗଠନ ଠାରୁ ଆରମ୍ଭ କରି ଶହଶହ ସାମାଜିକ ସଙ୍ଗଠନ ବିଜୁଙ୍କ ସ୍ମୃତିଚାରଣ କରିଥିଲେ...

## ସିଏମସି ପକ୍ଷରୁ ପଞ୍ଚାୟତିରାଜ ଦିବସ ଓ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ମହାନଗର ନିଗମ ତରଫରୁ ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଥମେ ସିଏମସିର ଅଫିସ ତଥା ବିଜୁ ଭବନ ପରିସରରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ କଟକ ମେୟର ସୁବାସ ସିଂ ଏବଂ କମିଶନର ବିଜୟ କୁମାର ଦାସଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ ବିଜୁ ବାବୁଙ୍କ ପୈତୃକ ଘର ତଥା ବର୍ତ୍ତମାନର ଆନନ୍ଦ ଭବନ ସଂଗ୍ରହାଳୟରେ ପହଞ୍ଚି, ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ମେୟର ଶ୍ରୀ ସିଂ ।



ମେୟରଙ୍କ ସହିତ କମିଶନର ଶ୍ରୀ ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ବିକାଶ ରଞ୍ଜନ ବେହେରା, ପୁଷ୍ପିତା ମହାନ୍ତି, ରିତାଞ୍ଜଳୀ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଲିଜାରାଣୀ ସାହୁ, ବନଲତା ପ୍ରଧାନ, ପ୍ରିୟମ୍ବଦା ସ୍ୱାଇଁ, ଡେପୁଟି କମିଶନର ସୁକାନ୍ତ ବେହୁରା, ଯୁଗ୍ମ କମିଶନର ଇପସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ଶାନ୍ତି କମିଟିର ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ବିଜେଡି କାର୍ଯ୍ୟାଳୟ

ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଦୋଳମୁଣ୍ଡାଇସ୍ଥିତ କଟକ ଜିଲ୍ଲା ବିଜେଡ଼ି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । କଟକ ଜିଲ୍ଲା ବିଜେଡ଼ି ସଭାପତି ତଥା ସାଂସଦ ଦେବାଶିଷ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅର୍ବାନ ବ୍ୟାଙ୍କ ସଭାପତି ପ୍ରଫୁଲ୍ଲ ମହାପାତ୍ର, ନିରାମୟ ଉପଦେଷ୍ଟା ଡଃ ରଞ୍ଜନ କୁମାର ବିଶ୍ୱାଳ, କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ (ସଂଗଠନ) ପ୍ରଶାନ୍ତ ନାୟକ, ଦିଲ୍ଲୀପ କୁମାର ପ୍ରଧାନ, ଅଭୟ ବେହେରା, ଲାଲା ପ୍ରତାପ ରାୟ, ଜ୍ଞାନେନ୍ଦ୍ରଗିରି ଗୋସ୍ୱାମୀ, ପ୍ରଫୁଲ୍ଲ ବେହେରା, ମହମ୍ମଦ ସକିଲ, ପ୍ରକାଶ ସିଂ, ତ୍ରିଲୋଚନ ପଣ୍ଡା, ଜନସନ ମହାପାତ୍ର, ଦିଲିପ କୁମାର ସାହୁ, ଯୁଧୀଷ୍ଠିର ବିଶ୍ୱାଳ, ରାଜେନ୍ଦ୍ର ରଣା, ଅଶୋକ କୁମାର ବେହେରା, ମହମ୍ମଦ ଫରିଦ୍, ନିମାଇଁ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବିଜୁବାବୁଙ୍କୁ ସ୍ମୃତି ଚାରଣ କରିଥିଲେ ।



## ଚୌଦ୍ୱାର-କଟକ ବିଜେଡି

ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବିଶାଳ ସାଇକଲ ଶୋଭାଯାତ୍ରା ଯୋବ୍ରା ଆନିକଟ ଛକରୁ ଆନନ୍ଦ ଭବନ ପର୍ଯ୍ୟନ୍ତ ଯାଇଥିଲା । ଏହାପରେ ନୂଆବଜାର ସ୍ଥିତ କୁଷ୍ଠାଶ୍ରମ ଓ ଚୌଦ୍ୱାର ସ୍ଥିତ ହିନ୍ଦ୍ ସେବକ ସଂଘର ଅନ୍ତେବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା । ଗାନ୍ଧୀଛକସ୍ଥିତ ଟାଉନ୍ ହଲ ଓ ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପ ଠାରେ ସାଧାରଣ ସଭା ଅନୁଷ୍ଠିତ ହେବା ସହ ଶପଥ ପାଠ କରାଯାଇଥିଲା । ଏହି ଅବସରରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କଟକ ମହାନଗର ନିଗମର ୱାର୍ଡ ନଂ-୩୪ର କଂଗ୍ରେସ କର୍ମୀ ଯଥା କୁଷ ସାହୁ, ପ୍ରଭାକର ପୃଷ୍ଟି, ବ୍ରଜକିଶୋର ସାହୁ, ଅଜୟ ଭୁଆସିଂହ, ବସନ୍ତ ବେହେରା, ଜିତେନ୍ଦ୍ର ବେହେରା, ମନୋଜ ଦାସ, ବିନୋଦିନୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ସୁମିତ୍ରା ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନଙ୍କ ସମର୍ଥକଙ୍କ ସହ କଂଗ୍ରେସ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ସାଢେ ଚାରି କୋଟି ଓଡିଶା ବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ଲଢିବା, ଏକ ସମୃଦ୍ଧ, ସଶକ୍ତ, ସ୍ୱାଭିମାନୀ "ନବୀନ ଓଡିଶା ଗଢିବା' ବିଷୟରେ ବିଧାୟକ ସୌଭିକ୍ ବିଶ୍ୱାଳ କହିଥିଲେ । କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଚୌଦ୍ୱାର ପୌରପାଳିକାର ନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପନଗରପାଳ ଶୁଭେନ୍ଦୁ ସାମଲ, ଟାଙ୍ଗୀ -ଚୌଦ୍ୱାର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ନଗର କମିଟିର ସଭାପତି ମଧୁସୁଦନ ସାହୁ, ଚୌଦ୍ୱାର ନଗର ସଭାପତି ବିଷ୍ଣୁ ଚରଣ ପରିଡା, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆଙ୍କ ସମେତ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ ।



## ଓଡ଼ିଶାର ବିକାଶରେ ବିଜୁବାବୁଙ୍କ ସ୍ୱପ୍ନ ପରିଲକ୍ଷିତ: ଜିଲ୍ଲାପାଳ



ମହାନ ଜନନାୟକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡିଆ ସ୍ୱାଭିମାନର ପ୍ରତୀକ । ସେ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟି ସମ୍ପନ୍ନ ରାଜନେତା, ଦୁଃସାହସୀ ବୈମାନିକ ଓ ଦକ୍ଷ ଶିଳ୍ପପତି । ଏସବୁ କ୍ଷେତ୍ରରେ ସେ ଯେଉଁ ଶୀର୍ଷତ୍ୱକୁ ଅତିକ୍ରମ କରିଥିଲେ ତାହା ଅକଳ୍ପନୀୟ। ସମଗ୍ର ବିଶ୍ୱରେ ଜଣେ ଅଦ୍ୱିତୀୟ ରାଷ୍ଟ୍ରନେତା ଭାବେ ନିଜକୁ ପ୍ରତିପାଦିତ କରିଥିବା ବିଜୁ ପଟ୍ଟନାୟକ ହେଉଛନ୍ତି ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବ । ନିଜର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ନିଷ୍ଠା, ପରାକାଷ୍ଠା ଓ ଦୂରଦୃଷ୍ଟି ବଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରି ଏକ ନୂତନ ପ୍ରଗତିଶୀଳ ଓଡିଶା ଗଠନ କରିବାରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ । ଆଜି ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ, ଯୋବ୍ରା ଆନିକଟ ଓ ବିଜୁ ପଟ୍ଟନାୟକ ସଂଗ୍ରହାଳୟ(ଆନନ୍ଦ ଭବନ) ରେ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ତହସିଲଦାର ସୁଜୟ ପତି, ସ୍ୱତନ୍ତ୍ର ଲୋକସଂପର୍କ ଅଧିକାରୀ ରାଜସ୍ୱ ପର୍ଷଦ ଅଶୋକ ଷଡଙ୍ଗୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ରାଜନୈତିକ ଦଳର ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ ।

## ବିଜୁ ବାବୁଙ୍କୁ ମିଳୁ ଭାରତରତ୍ନ

ଚୌଦ୍ୱାର-କଟକ ବିଜୁ ଜନତା ଦଳର ନାରୀନେତ୍ରୀ ରୂପାଲି ଲେଙ୍କାଙ୍କ ନେତୃତ୍ୱରେ ମହାନ୍ ଜନନାୟକ, ପ୍ରବାଦ ପୁରୁଷ, ରାଷ୍ଟ୍ରବାଦୀ ତଥା ଇଣ୍ଡୋନେସିଆର ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜୁ ପ୍ରେମୀ ଯୋବ୍ରା ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ । ବିଜୁ ବାବୁଙ୍କ ଅଦମ୍ୟ ସାହସ,ଦକ୍ଷତା ଏବଂ ତାଙ୍କର ନିଃସ୍ୱାର୍ଥପର ସେବା ପାଇଁ ସେ ଏକଦା ବିଶ୍ୱବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଏଥିପାଇଁ କେନ୍ଦ୍ର ସରକାର ବିଜୁ ବାବୁଙ୍କୁ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ କରିବାକୁ ରୂପାଲୀ ଦାବି କରିଥିଲେ । ପରେ ଆନନ୍ଦଭବନ, ମହାନଦୀ ବିହାର, ଓଏମପି ଛକ, ବିରୂପା ବ୍ୟାରେଜ ଏବଂ ଚୌଦ୍ୱାର ଓଟିଏମ୍ ବଜାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ରୋଗୀଙ୍କୁ ଫଳ ବଣ୍ଟନ ଓ ରକ୍ତଦାନ ଶିବିର

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ସିଟି ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏଥିରେ ସାମିଲ ହୋଇ ରୋଗୀଙ୍କ ଭଲ ମନ୍ଦ ବୁଝିବା ସହିତ ଫଳ ପ୍ରଦାନ କରିଥିଲେ । ପରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରକୁ ଶ୍ରୀ ସାମନ୍ତରାୟ ଉଦଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ମହାନ୍ତି, ସୟଦ ଏକ୍ରାମ ହୁସେନ, ପୂର୍ଣ୍ଣିମା ସିଂହ, ବନଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ-ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଅବସରରେ ଟାଉନ ହଲ ଠାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଆବାହନରେ ବିଜୁ ଯୁବ-ଛାତ୍ର ଜନତା ଦଳ ବାରବାଟୀ କଟକ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ରକ୍ତଦାନ ଶିବିର ମୋଟ ୧୦୮ ଜଣ ରକ୍ତଦାନ କରିଥିଲେ । ଛାତ୍ର ସଭାପତି ଆସିଫ୍ ଅମିନ, ଯୁବ ସଭାପତି ସୌମ୍ୟଦୀପ ଘୋଷ, ଜଗତ ଜ୍ୟୋତି ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ, ସୟଦ ଜଲିଲ, ସୁମନ ବେହେରା ଓ ସନ୍ତୋଷ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଅତିଥି ରୂପେ ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ନଗର ସଭାପତି ମଧୁସୂଦନ ସାହୁ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ପୂର୍ଣ୍ଣିମା ସିଂହ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ମିନି ମାରାଥନ୍ ଏବଂ ୱାକାଥନ୍

ଓଡିଶା ଭେଟେରାନ ସ୍ପୋର୍ଟସ ପର୍ସନ୍ସ ଆସୋସିଏସନ ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ଅବସରରେ ମିନି ମାରାଥନ ଏବଂ ୱାକାଥନ୍ ଅନୁଷ୍ଠିତ ହୋଇଥିଲା । ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ମିନି ମାରାଥନ ପ୍ରତିଯୋଗିତାରେ କାଜିବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଅକ୍ଷୟା ଏବଂ ବାଳକ ବିଭାଗରେ ବିଡାନାସୀ ହାଇସ୍କୁଲର ଅଜୟ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଉଭୟଙ୍କୁ ସାର୍ଟିଫିକେଟ ସହ ୭ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି ବାଳିକା ବିଭାଗରେ କାଜିବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଅଙ୍କିତା ବାରିକ ଦ୍ୱିତୀୟ ଏବଂ ତରୋଳ ୟୁପି ସ୍କୁଲର ରାନୀ ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବାଳକ ବିଭାଗରେ ତରୋଳ ହାଇସ୍କୁଲର ସୂର୍ଯ୍ୟ ଚୌହାନ ଏବଂ ମଣି ରାଜ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ସହ ଯଥାକ୍ରମେ ପାଞ୍ଚହଜାର ଏବଂ ତିନିହଜାର ଟଙ୍କା ପ୍ରଦାନ କରଯାଇଥିଲା ।

ବରିଷ୍ଠ ନାଗରିକମାନଙ୍କ ପାଇଁ ଆୟୋଜିତ ୱାକାଥନ୍ ପ୍ରତିଯୋଗିତାରେ ଅଶ୍ୱିନୀ କୁମାର ମହାନ୍ତି ପ୍ରଥମ, କୃତ୍ତିବାସ ପଣ୍ଡା ଦ୍ୱିତୀୟ ଏବଂ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ତୁଳସୀପୁର ସ୍ଥିତ ସାରଳା ଭବନରେ ଆସୋସିଏସନର ସଭାପତି ତଥା ରାଜ୍ୟ କୃଷି ଓ ମତ୍ସ୍ୟ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆସୋସିଏସନ ପକ୍ଷରୁ ବରିଷ୍ଠ ବଡି ବିଲଡର ବିରଜା ଦାସ, କ୍ରିକେଟର କିଶୋର ମାଣିଆ, ବ୍ୟାଡମିଣ୍ଟନ ଖେଳାଳି ଅନୁପମ ପାତ୍ର ଏବଂ ଆଥଲେଟ ଅଞ୍ଜଳୀ ଦାସଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଆସୋସିଏସନର ସଭାପତି ତଥା ମନ୍ତ୍ରୀ ଶ୍ରୀ ସ୍ୱାଇଁ, ସାରଳା ସାହିତ୍ୟ ସଂସଦର ସଭାପତି ଙ୍କ ପ୍ରଭାକର ସ୍ୱାଇଁ, ସୁନୀଲ କୁମାର ବୋଷ ଏବଂ କ୍ଷୀତିଶ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ବରିଷ୍ଠ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆସୋସିଏସନର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ପୁରସ୍କାର ବିତରଣ ଉତ୍ସବରେ ସ୍ୱାଗତ ଭାଷଣ ଦେଇ ଆସୋସିଏସନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସରୋଜ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ସରସ୍ୱତୀ କାନୁନଗୋ ଏବଂ ସୌଦାମିନୀ ଦାସ ଉପସ୍ଥିତ ଥିଲେ । ସୁଘୋଷ ଦାସ, ସୁରଜିତ ସିଂ ଏବଂ ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୁଘୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।







# ବିଚାରଧାରା ଭିନ୍ନ; ଲକ୍ଷ୍ୟ ଜନକଲ୍ୟାଣ

■ ନବୀନ ପଟ୍ଟନାୟକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ: ମୋଦୀ
■ ପ୍ରଧାନମନ୍ତ୍ରୀ ଦେଶକୁ ନୂଆ ଦିଗ ଦେଇଛନ୍ତି: ନବୀନ



**ଭୁବନେଶ୍ୱର, ୫ ।୩(ସମିସ):** ପାଞ୍ଚ ପାଳିର ଶାସନ ପରେ ବି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆକର୍ଷଣ ଅବିଶ୍ୱସନୀୟ ଭାବେ ବଢ଼ି ବଢ଼ି ଚାଲିଛି । ନବୀନଙ୍କ ବ୍ୟକ୍ତିତ୍ୱ, ଶାସନ ଶୈଳୀ, ସର୍ବୋପରି ଦୁର୍ନୀତି ବିରୋଧୀ କଡ଼ା ଆଭିମୁଖ୍ୟ ତାଙ୍କୁ ସବୁବେଳେ ଅନ୍ୟମାନଙ୍କଠାରୁ ଭିନ୍ନ ଭାବେ ଗଢ଼ିତୋଳିଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବୀ ବ୍ୟକ୍ତିତ୍ୱକୁ ବିଭିନ୍ନ୍ ମହଲରେ ଉଚ୍ଚ ପ୍ରଶଂସା ମିଳୁଥିବା ବେଳେ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଣ୍ଡିଖୋଲରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଲୋକପ୍ରିୟ ମୁଖ୍ୟମନ୍ତ୍ରୀ' ଭାବରେ ସମ୍ବୋଧନ କରିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ନୂଆ ଦିଶାରେ ଅଗ୍ରସର ହେଉଛି ଏବଂ ସେ ଦେଶକୁ ଏକ ନୂଆ ଦିଗ ଦେଇଥିବା ଉଲ୍ଲେଖ କରି ଖୁବ୍ ଶୀଘ୍ର ଭାରତ ଦେଶର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ ହେବ ବୋଲି ଆଶା ପ୍ରକାଶ କରିଛନ୍ତି । ଭିନ୍ନଭିନ୍ନ ରାଜନୈତିକ ବିଚାରଧାରା ସତ୍ତ୍ୱେ ସାଧାରଣ ଲୋକଙ୍କ କଲ୍ୟାଣ, ଦେଶ ତଥା ରାଜ୍ୟର ବିକାଶରେ ଦୁଇ ନେତାଙ୍କ ମଧ୍ୟରେ ପାରସ୍ପରିକ ଉଦାର ସମ୍ପର୍କ ଓ ସମ୍ମାନ ଅନନ୍ୟ ଉଦାହରଣ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

କଂଗ୍ରେସ ଓ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳ ଓ ଏହାର ନେତାଙ୍କୁ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଶାଣିତ ଶବ୍ଦରେ ଆକ୍ରମଣ କରୁଥିବାବେଳେ ନବୀନଙ୍କ ପ୍ରତି ସର୍ବଦା ନରମ ଆଭିମୁଖ୍ୟ ପୋଷଣ କରି ଆସିଛନ୍ତି । ଗତ ମାସରେ ସମ୍ବଲପୁରରେ ଅନୁଷ୍ଠିତ ଏକ ଲୋକାର୍ପଣ ଓ ଦଳୀୟ ସମାବେଶରେ ମଧ୍ୟ ପ୍ରଧାନମନ୍ତ୍ରୀ ଅନୁରୂପ ଆଭିମୁଖ୍ୟ ପୋଷଣ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂଘୀୟ ବ୍ୟବସ୍ଥାରେ ପାରସ୍ପରିକ ସହଯୋଗକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । କେନ୍ଦ୍ରରେ ଯିଏ ବି ସରକାରରେ ଥାଉ, ବ୍ୟକ୍ତିଗତ, ଦଳୀୟ ସ୍ୱାର୍ଥକୁ ପଛ କରି ନବୀନ ସବୁବେଳେ ରାଜ୍ୟସ୍ୱାର୍ଥକୁ ଆଗରେ ରଖିଛନ୍ତି । ଅନୁରୂପ ଭାବରେ ରାଜ୍ୟ ଓ ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଅକୁଣ୍ଠ ସହଯୋଗ କରିବାର ଦୃଷ୍ଟାନ୍ତ ରହିଛି । ସହଭାଗୀ ସଂଘୀୟ ବ୍ୟବସ୍ଥା ଉପରେ ସର୍ବଦା ଗୁରୁତ୍ୱାରୋପ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୈତିକ ସ୍ୱାର୍ଥ ଅପେକ୍ଷା ସର୍ବଦା ଦେଶ ତଥା ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛନ୍ତି । ପରିଣତିସ୍ୱରୂପ ଓଡ଼ିଶା ଏବେ ବିକାଶ ଓ ରୂପାନ୍ତରଣ ପଥରେ ଗତିଶୀଳ ହୋଇଛି ଏବଂ ନବୀନଙ୍କୁ ଦେଶର ଜଣେ ଭିନ୍ନ ତଥା ଅତୁଳନୀୟ ରାଜନେତାର ପ୍ରତିଷ୍ଠା ଦେଇଛି ।

ଅନ୍ୟ ବିରୋଧୀଙ୍କ ପରି କେବଳ ବିରୋଧ ପାଇଁ ବିରୋଧ ନ କରି ଦେଶ ଓ ରାଜ୍ୟର ବିକାଶ ପାଇଁ ପ୍ରସଙ୍ଗଭିତ୍ତିକ ସମର୍ଥନ ପ୍ରଦାନ କରିବା ଯୋଗୁଁ ସର୍ବଦା ଚର୍ଚ୍ଚାରେ ରହିଛନ୍ତି । ଦଳମତ ନିର୍ବିଶେଷରେ ଦେଶର ପ୍ରମୁଖ ରାଜନୈତିକ ଦଳର ନେତାମାନେ ନବୀନଙ୍କ ଆତିଥ୍ୟ ଲାଭ କରିଛନ୍ତି । ରାଜନୈତିକ ଜୀବନ ଓ ପାରସ୍ପରିକ ସମ୍ପର୍କଠାରୁ ରାଜନୀତିକୁ ଭିନ୍ନ ରଖିବାରେ ସମ୍ଭବତଃ ନବୀନ ଦେଶର ଅନ୍ୟତମ ପ୍ରମୁଖ ରାଜନେତାର ମାନ୍ୟତା ପାଇଛନ୍ତି । ରାଜନୈତିକ ଉଦାରବାଦ ତାଙ୍କୁ ଅନ୍ୟ ରାଜନେତାଙ୍କଠାରୁ ଭିନ୍ନ କରି ରଖିଛି । ତେଣୁ ପ୍ରଧାନମନ୍ତ୍ରୀ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅଭିହିତ କରିବାରେ କୌଣସି ଆଶ୍ଚର୍ଯ୍ୟ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## କଟକ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ




**କଟକ, ୫ ।୩(ସମିସ):** କଟକ ନଗର କଂଗ୍ରେସ ପକ୍ଷରୁ ଲିଙ୍କରୋଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଇଲେକ୍ଟୋରାଲ ବଣ୍ଡରେ ଯେଉଁମାନେ ଟଙ୍କା ଦେଇଛନ୍ତି ସେମାନଙ୍କର ତାଲିକା ମାର୍ଚ୍ଚ ୬ ତାରିଖ ସୁଦ୍ଧା ଅଦାଲତରେ ଦାଖଲ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଏସବିଆଇକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପୁଣିଥରେ ଏସବିଆଇ ଅଧିକ ୩ ମାସ ସମୟ ମାଗିଛନ୍ତି । ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ହାତବାରିସି ହୋଇ ଏସବିଆଇ କାମ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏହା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୌତମ ଆଦାନୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ଶିଶିର ରଥ, ନଗର କଂଗ୍ରେସ ସଭାପତି ଡ. ବିପ୍ଲବ ଶିଳାଦିତ୍ୟ, ମନୋଜ ବିଶ୍ୱାଳ, ସଚ୍ଚିଦାନନ୍ଦ ରାଉତ, ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ସତ୍ୟଜିତ ସେଠୀ, ଆଇନଜୀବୀ ସତ୍ୟବ୍ରତ ମହାନ୍ତି, ଶିବ କୁମାର ଅଗ୍ରୱାଲ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଏସ୍‌ସିବିକୁ ମିଳିବ ୧ କୋଟି ଟଙ୍କା

● ଗବେଷଣା ପ୍ରତି ଅଧିକ ଦୃଷ୍ଟି ଦେବେ ଡାକ୍ତରୀ ଛାତ୍ରଛାତ୍ରୀ

**କଟକ, ୫।୩(ସମିସ):** ରାଜ୍ୟରେ ଡାକ୍ତରୀ ପାଠ୍ୟକ୍ରମକୁ ସମୃଦ୍ଧ କରାଯିବ । ଡାକ୍ତରୀ ଛାତ୍ରଛାତ୍ରୀ ଗବେଷଣା ଦିଗରେ ଅଧିକ କାର୍ଯ୍ୟ କରିବେ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗବେଷଣା ପାଣ୍ଠିରୁ ପ୍ରତ୍ୟେକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି । ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବାର୍ଷିକ ୧ କୋଟି ଟଙ୍କା ପ୍ରଦାନ କରାଯିବ । ସେହିପରି ଏସ୍‌ସିବି ଦନ୍ତ ମହାବିଦ୍ୟାଳୟକୁ ବାର୍ଷିକ ୫୦ଲକ୍ଷ ଟଙ୍କା ମିଳିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ଲାଷ୍ଟିକ ସାମଗ୍ରୀ ଗୋଦାମରେ ଅଗ୍ନିକାଣ୍ଡ



**କଟକ, ୫।୩(ସମିସ):** ଜଗତପୁର ସ୍ଥିତ ଏକ ପ୍ଲାଷ୍ଟିକ ସାମଗ୍ରୀ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ମଙ୍ଗଳବାର ବିଳମ୍ବିତ ରାତିରେ ଗୋଦାମରେ ଗଚ୍ଛିତ ସାମଗ୍ରୀ ଆପେଆପେ ଜଳୁଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଜଗତପୁର ଅଗ୍ନିଶମ କେନ୍ଦ୍ରର ଦୁଇଟି ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏହା ଏକ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତ କମ୍ପାନି ସହ ଗୋଦାମ ଥିଲା । କମ୍ପାନୀ କିଛି ଦିନ ହେବ ବନ୍ଦ ହୋଇପଡ଼ିଛି । ତେବେ ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ସ୍ପଷ୍ଟ ହୋଇପାରିନାହିଁ ।

## ନିଆଳିରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ




**ନିଆଳି, ୫।୩(ସମିସ):** ପବିତ୍ର ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ଅବସରରେ ନିଆଳି ବ୍ଲକରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରାଯାଇଛି । ମଙ୍ଗଳବାର ନିଆଳି ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ହଲାଇ ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଏହି ବସ୍ ସେବାକୁ ଉଦ୍‌ଘାଟନ କରିଥିଲେ । ଗୋଟିଏ ବସ୍ ଜଲ୍ଲାରପୁର, ମାଧବ, କପାସି, ତିହୁଡ଼ି ଓ ଷଡ଼ଙ୍ଗଶ ଓ ଅନ୍ୟ ବସ୍‌ଟି ନିଭରଣ, ବିନିଶପୁର, କୃଷ୍ଣପ୍ରସାଦକୁ ଯିବ । ଏହି ବସ୍‌ରେ ଗାଁରୁ ସହରକୁ ଆସିବା ପାଇଁ ଯାତାୟତର ସୁବିଧା ଉପଲବ୍ଧ ହେବ । ବିଶେଷ କରି ନିଆଳି ପଞ୍ଚାୟତ ସମିତିକୁ ଆସୁଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଛାତ୍ରଛାତ୍ରୀ ଓ ଚାଷୀ ଉପକୃତ ହେବେ । ଅନୁଷ୍ଠିତ ଏହି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଏବିଡ଼ିଓ ପଲ୍ଲବୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ସଭ୍ୟା ସୌଦାମିନୀ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଆମ୍ବାର ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ, ଚିତ୍ରସେନ ପ୍ରଧାନଙ୍କ ସମେତ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ନୂତନ ତହସିଲଦାରଙ୍କ ଯୋଗଦାନ



**ସାଲେପୁର, ୫ ।୩(ସମିସ):** ସାଲେପୁର ତହସିଲଦାର ଭାବେ ଜୟନ୍ତ କୁମାର ଜୟସିଂହ କାର୍ଯ୍ୟରେ ଯୋଗଦେଇଛନ୍ତି । ଆଗକୁ ନିର୍ବାଚନ ଆସୁଥିବାରୁ ପ୍ରଶାସନ ପକ୍ଷରୁ ନିର୍ବାଚନକୁ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ୩ ବର୍ଷ ପାଇଁ ଗୋଟିଏ ସ୍ଥାନରେ ରହିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଉଛି । ଏହି ପରିପ୍ରେକ୍ଷୀରେ ସାଲେପୁର ତହସିଲଦାର ଭାବେ କାର୍ଯ୍ୟ କରିଥିବା ଶିବ ମଲ୍ଲିକଙ୍କୁ କନ୍ଧମାଳ ଜିଲ୍ଲା ଚକାପାଦ ତହସିଲକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ପୁରୀ ଜିଲ୍ଲା ସତ୍ୟବାଦୀ ତହସିଲର ତହସିଲଦାର ଜୟନ୍ତ କୁମାର ଜୟସିଂହ କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି । ସାଲେପୁର ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି ।

## ଯୁବତୀଙ୍କ ଅକାଳ ବିୟୋଗ

**ନିଶ୍ଚିନ୍ତକୋଇଲି, ୫।୩(ସମିସ):** ନିଶ୍ଚିନ୍ତକୋଇଲି ଥାନା ବୁହାଳୋ ପଞ୍ଚାୟତ ଜମରା ଗ୍ରାମର ବିଜୟ ପରିଡ଼ାଙ୍କ କନ୍ୟା ତେଜସ୍ୱିନୀ ପରିଡ଼ାଙ୍କ ଅକାଳ ବିୟୋଗ ଘଟିଛି । ସୋମବାର ବିଳମ୍ବିତ ରାତିରେ ସେ ଅସୁସ୍ଥ ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡ଼ିକାଲ ପଠାଇଛନ୍ତି ।

# ବିଭିନ୍ନ କଲେଜରେ ନୂଆ-ଓ ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ










**ବାଙ୍କୀ, ୫।୩(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦୃଶ୍ୟଶ୍ରାବ ଗୃହଠାରେ ରାଜ୍ୟସରକାରଙ୍କ ପ୍ରଦତ୍ତ ନୂଆ-ଓ ଛାତ୍ର ବୃତ୍ତିର ପ୍ରମାଣପତ୍ର ବଣ୍ଟନ କରାଯାଇଛି । ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ରବୃତ୍ତିର ନୋଡାଲ୍ ଅଫିସର ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ ବିବରଣୀ ପାଠ କରିଥିଲେ । ଏହି ମହାବିଦ୍ୟାଳୟର ୨୨୫୭ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୨୧ ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆଜି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମଜୟନ୍ତୀ ଅବସରରେ ଏହି ଛାତ୍ର ବୃତ୍ତିକୁ ବଣ୍ଟନ କରାଯାଇଥିବା ଏକ ଗୌରବ ଅଧ୍ୟାୟ ବୋଲି ଛାତ୍ରବୃତ୍ତିର ସହଯୋଗୀ ସଞ୍ଜୟ କୁମାର ନାୟକ ପ୍ରକାଶ କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ବାଙ୍କୀ ଏନଏସିର ନଗରପାଳ ମାଣିକ ସାହୁ, ଉପନଗରପାଳ ତଥା କଲେଜ ପରିଚାଳନା କମିଟିର ସଦସ୍ୟ ସନ୍ତୋଷ ରଣା, କାଉନସିଲର ତଥା ପରିଚାଳନା କମିଟିର ସଦସ୍ୟ ସନାତନ ବେହେରା ଓ ଭାଗିରଥି ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ରାଜ୍ୟ ସରକାରଙ୍କ ଦ୍ୱାରା ନୂଆ-ଓ ଛାତ୍ରବୃତ୍ତି ପ୍ରଥମ ଥର ପାଇଁ ସାରା ଦେଶରେ ଆଦର୍ଶ ସୃଷ୍ଟି କରିଛି ବୋଲି ମତପ୍ରକାଶ କରିଥିଲେ । ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ସନ୍ଧ୍ୟାରାଣୀ ମହାନ୍ତି ଓ ସଞ୍ଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

**ଚୌଦ୍ୱାର :** ନୂଆ ଓ ଯୋଜନାରେ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଏହି କ୍ରମରେ ଶିକ୍ଷାରେ ଅର୍ଥ ବାଧକ ନ ସାଜିବା ପାଇଁ ଛାତ୍ର ବୃତ୍ତି ପ୍ରଦାନ କରିଛନ୍ତି । ପୁଅଙ୍କୁ ୯ହଜାର ଓ ଝିଅଙ୍କୁ ୧୦ହଜାର କରି ଟଙ୍କା ସରକାର ପ୍ରଦାନ କରୁଛନ୍ତି । ଚୌଦ୍ୱାର ମହାବିଦ୍ୟାଳରେ ଅଧ୍ୟୟନରତ ଛାତ୍ର ଓ ଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ମଙ୍ଗଳବାର ଏହି ଅର୍ଥ ରାଶି ପ୍ରଦାନ କରାଯାଇଥିବା ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ସୂଚନା ଦେଇ ଏଥିରେ ମହାବିଦ୍ୟାଳୟର ୧୦୯୯ ଛାତ୍ରଛାତ୍ରୀ ଉପକୃତ ହୋଇଥିବା ପ୍ରକାଶ କରିଥିଲେ । ଏହି ଅବସରରେ ଅଧ୍ୟାପକ ପ୍ରଫୁଲ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ନୋଡାଲ ଅଫିସର ସଞ୍ଜୟ କୁମାର ଧଳ, ଦେବାଶିଷ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହିତ ଶିକ୍ଷା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ ।

**ନିଶ୍ଚିନ୍ତକୋଇଲି :** ନତକାଇ ସ୍ଥିତ ବଲ୍ଲଭୀଦେବୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟରେ ସରକାରଙ୍କର ନୂଆ-ଓ ଛାତ୍ର ବୃତ୍ତି ଯୋଜନାରେ ୩୮୦ ଛାତ୍ରୀ ବୃତ୍ତି ପାଇଛନ୍ତି । କଲେଜ ଅଧ୍ୟକ୍ଷା ଡ଼ଃ.ପୁଷ୍ପିତା ଜେନାଙ୍କ ସଭାପତିତ୍ୱ ଏବଂ ଛାତ୍ର ବୃତ୍ତି ନୋଡ଼ାଲ ଅଫିସର ଅଧ୍ୟାପିକା ଦେବଜାନୀ ରାଉତଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ମୁଖ୍ୟବକ୍ତା ଭାବେ ସରପଞ୍ଚ ଜୟଦେବ ରାଉତ, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟା ସରସ୍ୱତୀ ରାଉତ, ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁ, ଅଧ୍ୟାପକ ସୁବାଶିଷ ଦାସ, ଅଧ୍ୟାପିକା ଡ. ଜୟନ୍ତୀ ସାହୁ, ଶୁଭଶ୍ରୀ ନାୟକ, ସୁଚିସ୍ମିତା ପ୍ରଧାନ, ଉର୍ବସୀ ସାହୁ, ଉପେନ୍ଦ୍ର ସାହୁ, ପ୍ରଭାବତୀ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ।

**ମାହାଙ୍ଗା :** ମାହାଙ୍ଗା ବ୍ଲକ କୁଆଁପାଳ ସ୍ଥିତ ଜେଏନ କଲେଜ ପରିସରରେ ନୂଆ ଓ ନବୀନ ଓଡ଼ିଶା ଯୋଜନାରେ ୮୨୨ ଜଣ +୩ ବିଦ୍ୟାର୍ଥୀଙ୍କୁ ୧୦ ହଜାର ଓ ୯ ହଜାର ଟଙ୍କା ଲେଖାଏଁ ମେଧାବୃତ୍ତି ପ୍ରଦାନ କରାଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଛାତ୍ରବୃତ୍ତି ପ୍ରଦାନ ଉତ୍ସବରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ । ଏହି ମହାବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାର ବିକାଶ ନିମନ୍ତେ ଡିଜିଟାଲ ଲାଇବ୍ରେରୀ ନିମନ୍ତେ ବିଧାୟକ ପାଣ୍ଠିରୁ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ପ୍ରତାପ ଚୌଧୁରୀ, ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ପ୍ରାଧ୍ୟାପକ ଶଶିଭୂଷଣ ସ୍ୱାଇଁ, ପ୍ରାଧ୍ୟାପକ ନିଶ୍ୱଳେପଦ ମହାନ୍ତି, ପ୍ରାଧ୍ୟାପକ ସଞ୍ଜୟ ଲେଙ୍କା, ପ୍ରାଧ୍ୟାପକ ଜ୍ଞାନରଞ୍ଜନ ଶତପଥି, ପ୍ରାଧ୍ୟାପକ ରବି ନାରାୟଣ ବାରିକ, ପ୍ରାଧ୍ୟାପକ କୁମୁଦ ରଞ୍ଜନ ସିଂହ, ଅଧ୍ୟାପକ ବସନ୍ତ ସେଠୀ, ବିଶ୍ୱନାଥ ସାହୁ, ଆଶିଷ ବରାଳ ପ୍ରମୁଖ ଯୋଗଦେଇଥିବାବେଳେ ସହକାରୀ ଅଧ୍ୟାପକ ଜିତେଶ ମହାନ୍ତି, ପ୍ରଦୀପ୍ତ ସୂତାର, ଖେଳ ଶିକ୍ଷକ ନଗେନ୍ଦ୍ର ତ୍ରିପାଠୀ, ଧରଣୀଧର ଦାସ, ଗୌତମ ରାଉତରାୟ, ଦେବେନ୍ଦ୍ର ବାରିକ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ ।

## ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ

# ସମୃଦ୍ଧ ଓଡ଼ିଶା ଗଠନରେ ବିଜୁଙ୍କ ଅବଦାନ ଅତୁଳନୀୟ

ଟାଙ୍ଗୀ,୫ ।୩(ସମିସ)

ପ୍ରବାଦ ପୁରୁଷ, ଭୂମିପୁତ୍ର ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ଥିଲା ଟାଙ୍ଗୀ-ଚୌଦ୍ୱାର। ଚୌଦ୍ୱାର ଶିଳ୍ପନଗରୀ ଠାରୁ ଆରମ୍ଭ କରି ସମୃଦ୍ଧ ଓଡ଼ିଶା ଗଠନରେ ତାଙ୍କର ଅବଦାନ ଅତୁଳନୀୟ। ମହିଳାଙ୍କ ବିକାଶକୁ ସର୍ବାଗ୍ରେ ବିଚାର କରୁଥିବା ବିଜୁ ବାବୁଙ୍କ ପାଇଁ ଆମେ ଗର୍ବିତ ବୋଲି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ହାଟପଡ଼ିଆରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ଶ୍ରୀ ବେହେରା ଉପରୋକ୍ତ ମନ୍ତବ୍ୟ ସହ ଭାରତ ରତ୍ନ ନ ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସୂଚନା



ଦେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷା ମିନାକ୍ଷୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ବ ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବିଜେଡି ସଙ୍ଗଠକ ସୁବୋଧ ସାମଲ, କୃଷ୍ଣଚନ୍ଦ୍ର ଦାସ, ବାବାଜୀ ମହାନ୍ତି, ସୁକୁମାର ମହାରଣା, ନରେନ୍ଦ୍ର ରାଉତରାୟ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ ରଞ୍ଜନ ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଶାରଦା ପ୍ରସନ୍ନ ମହାନ୍ତି, ଯୁବ ସଂଗଠକ ଜନ୍ମେଜୟ ଖିଲାର, ମାନସ ସ୍ୱାଇଁ, ଗୋବିନ୍ଦ ଦାସ, ସାଗର କର, ସଞ୍ଜୟ ବେହେରା, ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ନିବାସ ପାଣ୍ଡବ, ଦିପ୍ତିମୟୀ ବେହେରା, ମମତା ମଲ୍ଲିକ, ମହେଶ୍ୱର ମହନ୍ତ ଓ ୧୩ଟି ପଞ୍ଚାୟତର ବିଜେଡି ସଭାପତି ଏବଂ ସମିତିସଭ୍ୟ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ ପୂର୍ବକ ଭାରତ ରତ୍ନ ପ୍ରସଙ୍ଗ ଉଠାଇଥିଲେ। ସଭା ପ୍ରାରମ୍ଭରେ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ଜାତିର ପିତା ମହାତ୍ମାଗାନ୍ଧୀ ଓ ବାହାରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଟାଙ୍ଗୀ ଗୋଷ୍ଠୀ କେନ୍ଦ୍ର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଗୋବିନ୍ଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ବାଙ୍କୀ ଓକିଲ ସଂଘ



ଚୌଦ୍ୱାର



ଆଠଗଡ଼ ବିଜେଡି



କଟକ



କଟକ ସଦର



ବାଙ୍କୀ ବିକେ ବିଦ୍ୟାପୀଠ

### ଗୋପାଳ ସ୍ମୃତି ବିଦ୍ୟାପୀଠ

**କଟକ :** ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମତିଥିରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର ସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ରାଜ୍ୟ ସରକାରଙ୍କ ସଫଳ ଯୋଜନା 'ମୋ ସ୍କୁଲ ଅଭିଯାନ' କମିଟି ପକ୍ଷରୁ ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟର ସଭାଗୃହରେ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ 'ମୋ ସ୍କୁଲ ଅଭିଯାନ' ର ବରିଷ୍ଠ ସଦସ୍ୟ ସାଧୁ ଚରଣ ଜେନା ମୁଖ୍ୟଅତିଥି, '୫-ଟି ସ୍କୁଲ କମିଟି'ର ସଭାପତି ପ୍ରଦୀପ କୁମାର କର ମୁଖ୍ୟବକ୍ତା ଓ 'ମୋ ସ୍କୁଲ ଅଭିଯାନ' କମିଟିର ସଦସ୍ୟ, '୫-ଟି ସ୍କୁଲ କମିଟିର ସଦସ୍ୟ ଆବାହକ ତଥା ପୁରାତନ ଛାତ୍ର ସଂସଦର ସଂଗଠନ ସମ୍ପାଦକ ତାପସ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଅଦ୍ୟମ ସାହାସ, ରାଷ୍ଟ୍ର ଗଠନରେ ତାଙ୍କ ଭୂମିକା ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରିତାଞ୍ଜଳି ମୂଳିଆ, ସଭ୍ୟ ନୀଳମଣି ଭୋଇ, ସଭ୍ୟା ଭାରତୀ ପ୍ରଧାନ, ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ, ସୁପ୍ରିୟା ହରିଚନ୍ଦନ, ମମତାମୟୀ ବାରିକ, ସନ୍ଧ୍ୟାରାଣୀ ସିଂହ, ଜଳନ୍ଧର ଭାତ୍ରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### କଟକ ସଦର ବିଜେଡି

**କଟକ :** କଟକ ସଦର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସଦର ବିଜେଡିର ବହୁ ନେତା ଓ କର୍ମୀ ସକାଳ ୮ଟାରେ କନ୍ଦରପୁର ନିକଟସ୍ଥ ଅଥଙ୍ଗା ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁବାବୁଙ୍କ ବ୍ୟକ୍ତିତ୍ୱ ଓ ଓଡ଼ିଶା ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମାହାଳୀ, କନ୍ଦରପୁର ସରପଞ୍ଚ ସୁଭାଷିନୀ ରାଉତ, ସମିତିସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ଜିଲ୍ଲା ବିଜେଡି ଉପସଭାପତି ସମର ବେହେରା, ଆମ୍ବ ଅଧକ୍ଷ ରଜନୀକାନ୍ତ ସାହୁ, ମିଶନ ଶକ୍ତି ସଂଯୋଜକ ଶରତ ରାୟ, ବିଜେଡି ପଞ୍ଚାୟତ ସଭାପତି ଭିକାରୀ ବେହେରା, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ନିଗମ ରାଉତ, ସଂଗ୍ରାମ ପ୍ରଧାନ, ସଞ୍ଜୟ ସାହୁ, ରଞ୍ଜିତ ପାତ୍ର, ଗଣେଶ୍ୱର ରାଉତ, ପ୍ରଭାକର ବେହେରା, ପ୍ରତାପ ରାଉତ, ନିରଞ୍ଜନ ବେହେରାଙ୍କ ସମେତ ବହୁ ବିଜୁ ପ୍ରେମୀ ଯୋଗଦେଇଥିଲେ।

### ବିକେ ବିଦ୍ୟାପୀଠ

**ବାଙ୍କୀ :** ବାଙ୍କୀର ଶତାୟୁ ବିଦ୍ୟାଳୟ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଆଜି ପ୍ରବାଦ ପୁରୁଷ ତଥା କଳିଙ୍ଗ ସମ୍ରାଟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରି ବିଜୁବାବୁଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦାନ କରି ବିଜୁ ପଟ୍ଟନାୟକଙ୍କ ଜୀବନୀ ଓ ତାଙ୍କର ଦୁଃସାହାସିକ କାର୍ଯ୍ୟ ଉପରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ଶତବାର୍ଷିକୀ କମିଟିର ସଭାପତି ଭବାନୀ ପଣ୍ଡିତ, କାର୍ଯ୍ୟକାରୀ ସଭାପତି କୃତ୍ତିବାସ ପଣ୍ଡା, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଡାକ୍ତର କୈଳାସ ଚନ୍ଦ୍ର ରଥ, ପ୍ରସନ୍ନ ପ୍ରଧାନ, ଆଲୋକ ମହାପାତ୍ର, ନିବେଦିତା ଜେନା ଓ ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଯୋଗଦାନ କରି ବିଜୁବାବୁଙ୍କ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସୁବ୍ରତ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଙ୍କୀ ବିଜେଡି



**ବାଙ୍କୀ :** ଆଜି ବାଙ୍କୀ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳନ ଅବସରରେ ବାଙ୍କୀ କଚେରୀପଡିଆ ଠାରେ ସ୍ଥାପିତ ବିଜୁବାବୁଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବାଙ୍କୀ ବିଜେଡି କାର୍ଯ୍ୟାଳୟ ଠାରେ ଆୟୋଜିତ ଜୟନ୍ତୀ ପାଳନ ସଭାରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ଭାଗିରଥି ବିଶ୍ୱାଳ, ଆର୍ତ୍ତତ୍ରାଣ ସ୍ୱାଇଁ, ସନାତନ ବେହେରା, ବ୍ରଜବଲ୍ଲଭ କର, କାହ୍ନୁଚରଣ ସିଂହ, ପ୍ରୀତିଲତା ଗିରି, ରଗଡି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, କାଉନସିଲର ପଠାଣୀ ବେହେରା, ଅକ୍ଷୟ ପ୍ରଧାନ, ଲିଲି ବେହେରା, ଶ୍ରୀନିବାସ ବେହେରା, ଅଖଣ୍ଡେଶ୍ୱର ସେବା ସମବାୟ ସମିତି ସଭାପତି ମେଘନାଦ ରାଉତ ପ୍ରଭୃତି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଗୁଣଗାନ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ।

### ବାଙ୍କୀ ଓକିଲ ସଂଘ

**ବାଙ୍କୀ :** ଆଜି ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ଅଧକ୍ଷତା କରିଥିଲେ। ବରିଷ୍ଠ ଓକିଲ ଗୋ÷ରୀ ଶଙ୍କର ନନ୍ଦ, ଶିବ ପ୍ରସାଦ ପାଢ଼ୀ, ସନ୍ତୋଷ ମିଶ୍ର, ପ୍ରଦୀପ ପୃଷ୍ଟି, କୈଳାସ ଚନ୍ଦ୍ର ମହାପାତ୍ର, ବଙ୍କି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ରବିନ୍ଦ୍ର କୁମାର ପତି, ଆଶୁତୋଷ ପଣ୍ଡା, ଶୁଭାଶିଷ ମହାପାତ୍ର, ଧିରେନ୍ ମଙ୍ଗରାଜ, ମହେଶ ସାହୁ, ସନ୍ତୋଷ ରଣାଙ୍କ ସମେତ ବହୁ ଆଇନ୍‌ଜୀବୀ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟ ନବନିର୍ମିତ ଗୃହ ସ୍ଥାପନ କରାଯାଇଥିବାରୁ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ।

### ଚୌଦ୍ୱାର

**ଚୌଦ୍ୱାର :** ମହାନ୍ ସଂଗ୍ରାମୀ, ଉତ୍କଳର ବରପୁତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ତାଙ୍କ କର୍ମଭୂମି ଚୌଦ୍ୱାରରେ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ଥାନୀୟ ସମସ୍ତ ଦଳୀୟ ନେତୃମଣ୍ଡଳୀ ଓ ସାଧାରଣ ଜନତା ବିରୂପା ବ୍ୟାରେଜ ନିକଟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ଥାନୀୟ ଶିଶୁ ସଦନରେ ପିଲାମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପୂର୍ବତନ ନଗରପାଳ ତଥା ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କ ପୌରହିତ୍ୟରେ ଗାନ୍ଧୀଛକ ସ୍ଥିତ ପୌର ଟାଉନ୍‌ହଲରେ ଆୟୋଜିତ ଜୟନ୍ତୀ ସଭାରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ବିଜୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧକ୍ଷା ସୁପ୍ରିୟା ଜେଠୀ, ଯୁବନେତା ଅର୍ଜୁନ ପଣ୍ଡା, ଅଶୋକ ମିଶ୍ର, ଶାରଦା ରଞ୍ଜନ ପରିଜା, ଛାତ୍ରନେତା ଭରତ ଚନ୍ଦ୍ର ସାହୁ, ଇଂ.ସୁବ୍ରତ ଘଡ଼େଇ, କାଉନସିଲର ଆଶୁତୋଷ ଦାସ, ସୁବ୍ରତ ସାମଲ, ଦିଲ୍ଲୀପ ସାହୁ, ବିଜୟ ମଲ୍ଲିକ, ସୁଜାତା ସାହୁ, କଲ୍ୟାଣୀ ସାହୁ, ବିଜୟଲକ୍ଷ୍ମୀ ବେହେରା, ରଞ୍ଜୁଲତା ଦାସ, ଲକ୍ଷ୍ମଣ ରାଉତ, ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ସମେତ ସମସ୍ତ କାଉନସିଲର, ପୌରାଞ୍ଚଳ ତଥା ପଞ୍ଚାୟତସ୍ତରରୁ ବହୁ ନାରୀନେତ୍ରୀ, ଦଳୀୟ କର୍ମୀ, ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ମାହାଙ୍ଗା ବିଜେଡି

**ମାହାଙ୍ଗା :** ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ କୁଆଁପାଳସ୍ଥିତ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ୧୦୮ତମ ଜୟନ୍ତୀ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବ୍ଲକ୍ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ମହିଳା ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସଂପାଦିକା ମମତା ରାଉତ, ସରପଞ୍ଚ ରାଜେଶ ବଳଙ୍କ ସମେତ ବହୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟସଭ୍ୟା ଓ ଏସଏଚଜି ମହିଳାମାନେ ଉପସ୍ଥିତ ରହି ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହପରି ୩୯ ନଂ ଜୋନ ବିଜୁ ଜନତା ଦଳ ପକ୍ଷରୁ ସମସରପୁର ପଞ୍ଚାୟତ ଭୋଳିଦାସପୁର ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ଜୋନ ବିଜୁ ଜନତା ଦଳ ସଭାପତି ଦୀନବନ୍ଧୁ ସାହୁ, ଜୋନ ଯୁବ ବିଜେଡି ସଭାପତି ଜୟନ୍ତ ବିଶ୍ୱାଳ, ଯୁବନେତା ପ୍ରିତମ କାନୁନ୍‌ଗୋ, ସ୍ୱାଧୀନ ମହାନ୍ତି, ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ରବୀନ୍ଦ୍ର ବାଗ, ନାରାୟଣ ବେହେରା, ପ୍ରଶାନ୍ତ କର, ଶ୍ରୀକାନ୍ତ ଦାସ, ସତ୍ୟଜିତ କିଶୋର ଦାସ, ସେଖ ଲାଲା, ସତ୍ୟ ନାରାୟଣ ମହାନ୍ତି, ନିରଞ୍ଜନ ସାମଲଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ନାହାଙ୍ଗ, ଏରକଣା, ଉମର ପଞ୍ଚାୟତ ସମେତ ୩୭ଟି ପଞ୍ଚାୟତରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

### ଆଠଗଡ଼ ବିଜେଡି

**ଆଠଗଡ଼ :** ଆଠଗଡ଼ ମହୋତ୍ସବ ପଡ଼ିଆରେ ୧୦୮ ତମ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସହିତ ଲୋକସେବା ଦିବସ ଆଠଗଡ଼ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଆଠଗଡ଼ର ତିନୋଟି ଜିଲ୍ଲା ପରିଷଦ ଜୋନ୍ ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜେଡି କର୍ମୀଙ୍କର ଏକ ସାଇକଲ ଶୋଭାଯାତ୍ରା ଆଠଗଡର ବିଭିନ୍ନ ଅଞ୍ଚଳରୁ ବାହାରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ଏକ ସ୍ମୃତିଚାରଣ ସଭାରେ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଗିରିଆ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଅଜୟ ସ୍ୱାଇଁ, ଖୁଣ୍ଟୁଣୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ମନୋରଞ୍ଜନ ମହାନ୍ତି ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ ସମିତିସଭ୍ୟଙ୍କ ସହିତ ଅନ୍ୟାନ୍ୟ ଛାମୁଆ ନେତାମାନେ ଉପସ୍ଥିତ ଥିଲେ। ସକାଳୁ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହିତ ରାଧା ବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### କିଶନନଗର ବ୍ଲକ୍

**କିଶନନଗର :** ପ୍ରବାଦ ପୁରୁଷ, ଭୂମିପୁତ୍ର, କଳିଙ୍ଗ ବୀର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ କିଶନନଗର ହାଟ ପଡିଆରେ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗଦେଇ ବିଜୁ ବାବୁଙ୍କ ସ୍ମରଣୀୟ ଜୀବନି ଉପରେ ଆଲେକପାତ କରିଥିଲେ। ଏହି ଅବସରରେ କିଶନନଗର ନୂତନ ହାଟ ପିଣ୍ଡି ଓ ମଣ୍ଡପ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସତ୍ୟସିଦ୍ଧାନ୍ତ ଦାଶଙ୍କ ପରିଚାଳନରେ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, କଟକ ଜିଲ୍ଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ଶରତ ରାୟ, ସମର ବେହେରା, ରଜନୀକାନ୍ତ ସାହୁ, ହିମାଂଶୁ ଦାସ, ରମେଶ ଚନ୍ଦ୍ର ସାହୁ, ଭବାନୀ ଶଙ୍କର ରାୟ, ଗଗନ ମହାପାତ୍ର, ରତ୍ନାକର ରାଉତ, ପ୍ରକାଶ ମହାପାତ୍ର, ଲିୟାକତ ଅଲ୍ଲି ଖାଁ, ଅବ୍ଦୁଲ ୱାହିଦ ଖାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ବିଜୁପ୍ରେମୀ ପ୍ରମୁଖ ଯୋଗଦେଇଥିଲେ।

### ଦୁର୍ଗା ଦେବୀ ନୋଡାଲ ବିଦ୍ୟାପୀଠ

**ବଡମ୍ବା :** ବଡମ୍ବା ବ୍ଲକ ଅନ୍ତର୍ଗତ ବାଙ୍ଗରସିଂହା ସ୍ଥିତ ଦୁର୍ଗାଦେବୀ ନୋଡାଲ ବିଦ୍ୟାପୀଠରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଦ୍ୟାଳୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି ମୋ ସ୍କୁଲର ଅଧକ୍ଷ ସନ୍ତୋଷ କୁମାର ସ୍ୱାଇଁ ମୁଖ୍ୟଅତିଥି, ସମ୍ମାନୀୟ ଅତିଥିଭାବେ ପରିଚାଳନା କମିଟିର ସକ୍ରିୟ ସଦସ୍ୟ ପ୍ରଭାତ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା କାର୍ଡ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନିରାକାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଥ୍ ଓ ଇକୋ କ୍ଲବ୍‌ର ବାର୍ଷିକ ଦିବସ ଅବସରରେ ବିଦ୍ୟାଳୟ କ୍ଲବ୍ ତରଫରୁ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇ ଅତିଥିଙ୍କ ଦ୍ୱାରା ନୂତନ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଡମ୍ବରୁଧର ହେମ୍ବ୍ରମ୍, ଶିକ୍ଷୟିତ୍ରୀ ସୁଜିତା ସାମଲ, ମନ୍ଦାକିନୀ ସ୍ୱାଇଁ, ଚିନ୍ମୟୀ ବେଉରା ଓ ଶ୍ରଦ୍ଧାଞ୍ଜଳି ନାୟକ ସହଯୋଗ କରିଥିଲେ।

### ନିଆଳି ବିଜେଡି

**ନିଆଳି :** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ନିଆଳି ବ୍ଲକ୍ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ନିଆଳି ହାଇସ୍କୁଲ ପଡ଼ିଆ ସମ୍ମୁଖରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଦଳୀୟ କର୍ମକର୍ତ୍ତାଙ୍କ ସହ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ବ୍ଲକ୍ ଆମ୍ବର ଅଧକ୍ଷ ବିଷ୍ଣୁଚରଣ ସ୍ୱାଇଁ, ସରପଞ୍ଚ ବିଜୟରାମ ପଣ୍ଡା, ସୁରେଶ ପଟ୍ଟନାୟକ, ବାପି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନିଆଳି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ମଞ୍ଚ ପକ୍ଷରୁ ନିଆଳି ହାଇସ୍କୁଲ ପଡ଼ିଆ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ମଞ୍ଚର ସଭାପତି କୈଳାଶ ଚନ୍ଦ୍ର ସୁର୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚର ସମ୍ପାଦକ ଅଶୋକ ରାୟ, ପିତାମ୍ବର ରାଉତ, ସର୍ବେଶ୍ୱର ରାଉତ, ଶ୍ରୀଚରଣ ପ୍ରଧାନ, ବ୍ରଜବନ୍ଧୁ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରିଥିଲେ। ନିଆଳି ବ୍ଲକ୍ ଛାତ୍ର ଓ ଯୁବ ବିଜେଡ଼ି ପକ୍ଷରୁ ଏକ ସାଇକଲ୍ ଶୋଭାଯାତ୍ରା ନିଆଳି ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ୍ ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ନିଆଳି ସୁନାମୁହିଁ ଘାଟ ସ୍ଥିତ ମହୋତ୍ସବ ପଡ଼ିଆକୁ ସଫେଇ କରାଯାଇଥିଲା। ସରପଞ୍ଚ ସୁରେଶ ପଟ୍ଟନାୟକ, ବ୍ଲକ୍ ଛାତ୍ର ବିଜେଡି ସଭାପତି ଅଜୟ ସ୍ୱାଇଁ, ମିଲୁ ଚରଣ ବେହେରା, ଶିବ ପ୍ରସାଦ ପଣ୍ଡା, ସୋହେଲ୍ ମିର୍ଜା, ଉମେଶ ସିଂହ, କୃତିବାସ ସ୍ୱାଇଁ, ରଞ୍ଜିତ୍ ନାୟକ, ସେଖ୍ ହୁମାୟୁନ୍, ମୁନା ବାରିକ, ଶୁଭକାନ୍ତ ସ୍ୱାଇଁ, ନିଶିକାନ୍ତ ଦାସ, ରବିନାରାୟଣ ସାହୁ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ନିଆଳି ପଞ୍ଚାୟତ ସମିତି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀଙ୍କୁ ପଞ୍ଚାୟତିରାଜ ଦିବସ ଓ ଲୋକ ସେବା ଦିବସ ଭାବେ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତିର ଅଧକ୍ଷ ଉମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇଥିଲେ। ଏହି ଉତ୍ସବରେ ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଏବିଡିଓ ପଲ୍ଲବି ରାଉତ, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସତ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ବିଜୁ ବାବୁ ଓ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

### ନିଶ୍ଚିନ୍ତକୋଇଲି ବ୍ଲକ୍

**ନିଶ୍ଚିନ୍ତକୋଇଲି :** ନିଶ୍ଚିନ୍ତକୋଇଲି ବ୍ଲକ ମହିଳା ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ବହୁ ମହିଳା ଏକ ବିରାଟ ଶୋଭାଯାତ୍ରାରେ କଟିକଟା ବଜାରରୁ ବାହାରି କେନ୍ଦୁପାଟଣା ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ। ଶୋଭାଯାତ୍ରା ପରେ ନିଶ୍ଚିନ୍ତକୋଇଲି ବଜାରରେ ଥିବା ବିଜୁବାବୁଙ୍କ ଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ରୋଜି ସେଠୀ, ବ୍ଲକ ମହିଳା ମହାସଂଘର ସଭାନେତ୍ରୀ କନକଲତା ଭୂୟାଁ, ସମ୍ପାଦିକା ସତ୍ୟଭାମା ନାୟକ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଅମ୍ରିତା ସିଂହ, କଟକ ଜିଲ୍ଲା ବିଜେଡି ସମ୍ପାଦକ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ବିଜେଡି କୃଷକ ସଂଗଠନ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସଭ୍ୟ ବିପ୍ଳବ କାପ, ଭୂପତିଭୂଷଣ ଷଣ୍ଢଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଏବଂ ବହୁ ବିଜେଡି ନେତୃବୃନ୍ଦ ଯୋଗଦେଇଥିଲେ। ସେହିପରି ବୁହାଲୋ ପଞ୍ଚାୟତ ବରପଡ଼ା ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅସୁରେଶ୍ୱର ପଞ୍ଚାୟତ ସ୍ଥିତ କୂଳଗାଁଇଶାଳୋ ହନୁମାନ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି



କିଶନନଗର ବ୍ଲକ୍



ବଡମ୍ବା



ନିଶ୍ଚିନ୍ତକୋଇଲି



ମାହାଙ୍ଗା

ନିକଟରେ ସରପଞ୍ଚ ଗୌତମୀ ଦାସଙ୍କ ପୌରହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏଥିରେ ଯୁବନେତା ଅନନ୍ତଚରଣ ଦାସ, ସମାଜସେବୀ ବ୍ରଜମୋହନ ପଣ୍ଡା, ନିତ୍ୟାନନ୍ଦ ସେଠୀ, ପୂର୍ବତନ ସରପଞ୍ଚ ମହେଶ୍ୱର ବାରିକଙ୍କ ସମେତ ବହୁ ବିଜୁପ୍ରେମୀ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ ମଧୁସ୍ମିତା ରାଉତ ବିଜୁ ବାବୁଙ୍କ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।






